# ବିପଦସଂକୁଳ ଅବସ୍ଥାରେ ତାଳସାରୀ ଜେଟି

ଚନ୍ଦନେଶ୍ୱର, ୨୬।୫ (ସମିସ)



ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ତାଳସାରୀ ବେଳାଭୂମିରେ ଅବସ୍ଥିତ ମତ୍ସ୍ୟ ଅବତରଣ କେନ୍ଦ୍ର ବା ଜେଟୀ ଏବେ ଅତ୍ୟନ୍ତ ବିପଦ ସଂକୁଳ ଅବସ୍ଥାରେ ରହିଛି। ସମୁଦ୍ରର ଉଚ୍ଚ ଜୁଆର ମାଡ଼ ଓ ଲଗାତାର କୂଳ କ୍ଷୟ ଯୋଗୁ ଜେଟୀର ବିଭିନ୍ନ ଅଂଶ ଧସିପଡୁଥିବାରୁ ସ୍ଥାନୀୟ ମତ୍ସ୍ୟଜୀବୀ, ବ୍ୟବସାୟୀ, ଗ୍ରାମବାସୀ ଓ ପର୍ଯ୍ୟଟକମାନଙ୍କ ମଧ୍ୟରେ ଭୟ ଓ ଅନିଶ୍ଚିତତାର ପରିବେଶ ସୃଷ୍ଟି ହୋଇଛି। ବାରମ୍ବାର ଜୁଆର ପାଣିର ଭୟଙ୍କର ଚାପରେ ଜେଟୀ ସଂଲଗ୍ନ ପାଣି ଟାଙ୍କି ସହିତ ଚାରିଟି ଦୋକାନ ଘର ଭାଙ୍ଗିଯାଇଥିବା ବେଳେ ଅନ୍ୟାନ୍ୟ ଅଂଶରେ ମଧ୍ୟ ବଡ଼ ବଡ଼ ଫାଟ ସୃଷ୍ଟି ହୋଇଛି। ଫଳରେ ଯେକୌଣସି ସମୟରେ ବଡ଼ ଧରଣର ଅଘଟଣ ଘଟିପାରେ ବୋଲି ଆଶଙ୍କା କରାଯାଉଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଜେଟୀର ଦୁର୍ବଳ ଅବସ୍ଥା ସମ୍ପର୍କରେ ପୂର୍ବରୁ ପ୍ରଶାସନକୁ ଅନେକଥର ଅବଗତ କରାଯାଇଥିଲା। କିନ୍ତୁ ପ୍ରଶାସନିକ ଅବହେଳା ଓ ଦୀର୍ଘଦିନ ଧରି ଆବଶ୍ୟକ ମରାମତି କାମ ନ ହେବାରୁ ଏବେ ପରିସ୍ଥିତି ଅଧିକ ଭୟାବହ ହୋଇପଡ଼ିଛି। ସମୁଦ୍ର କୂଳରେ ଥିବା ଏହି ଜେଟୀ ପାଇଁ ଯଥା ପ୍ରକାର ସୁରକ୍ଷା ପ୍ରାଚୀର କିମ୍ବା ସ୍ଥାୟୀ ପ୍ରତିରୋଧକ ବ୍ୟବସ୍ଥା ନଥିବାରୁ ପ୍ରତ୍ୟେକ ଉଚ୍ଚ ଜୁଆରରେ ଏଠାରେ କ୍ଷୟକ୍ଷତି ବଢ଼ିଚାଲିଛି। ତାଳସାରୀର ଏହି ମତ୍ସ୍ୟ ଅବତରଣ କେନ୍ଦ୍ର ୨୦୦୩ ମସିହା ଏପ୍ରିଲ ୧୬ ତାରିଖରେ ପ୍ରାୟ ୧ କୋଟି ୫୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିଲା। ତତ୍କାଳୀନ ରାଜ୍ୟ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗର ରାଷ୍ଟ୍ରମନ୍ତ୍ରୀ ତଥା ବର୍ତ୍ତମାନର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହାର ଉଦଘାଟନ କରିଥିଲେ। ସେହି ଦିନଠାରୁ ଏହି ଜେଟୀ ଅଞ୍ଚଳର ମତ୍ସ୍ୟ ବ୍ୟବସାୟର ଏକ ପ୍ରମୁଖ କେନ୍ଦ୍ର ଭାବେ ପରିଚିତ ହୋଇଆସୁଛି। ପ୍ରତିଦିନ ଶତାଧିକ ମତ୍ସ୍ୟଜୀବୀ ଏଠାରେ ମାଛ ଅବତରଣ କରି ବ୍ୟବସାୟ କରୁଥିବା ବେଳେ ହଜାର ହଜାର ପର୍ଯ୍ୟଟକ ତାଳସାରୀର ମନୋରମ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ ପାଇଁ ଏଠାକୁ ଆସୁଛନ୍ତି। କିନ୍ତୁ ୨୦୨୦

**ଆତଙ୍କିତ ସ୍ଥାନୀୟ ଲୋକ ଓ ପର୍ଯ୍ୟଟକ**

ମସିହାରେ ଆସିଥିବା ଭୟାବହ ବାତ୍ୟା ଅଂଫାନ ପରଠାରୁ ଜେଟୀର ସ୍ଥିତି ଦିନକୁ ଦିନ ଅବନତି ହେବାରେ ଲାଗିଛି। ସେତେବେଳେ ପ୍ରାୟ ୧୦ ଫୁଟ ଉଚ୍ଚର ଜୁଆର ପାଣି ଜେଟୀ ଉପରେ ମାଡ଼ିଆସିଥିବାରୁ ବେଳାଭୂମିରେ ଥିବା ଶତାଧିକ ଦୋକାନ ସମୁଦ୍ର ପାଣିରେ ଭାସିଯାଇଥିଲା। ଏହା ପରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜେଟୀର ନବୀକରଣ ପାଇଁ ୨ କୋଟି ଟଙ୍କା ମଞ୍ଜୁର କରିଥିଲେ। କିନ୍ତୁ ଦୀର୍ଘ ସମୟ ବିତିଯାଇଥିଲେ ମଧ୍ୟ କାମ ପୂର୍ଣ୍ଣାଙ୍ଗ ଭାବେ ସମାପ୍ତ ହୋଇନଥିବାରୁ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ଏହାସହ ଜେଟୀ ସଂଲଗ୍ନ ଏକମାତ୍ର ଶୌଚାଳୟଟି ମଧ୍ୟ ଏବେ ସମୁଦ୍ର ଗର୍ଭରେ ଲୀନ ହେବାକୁ ବସିଛି। ପ୍ରାୟ ଚାରି ବର୍ଷ ପୂର୍ବେ ତାଳସାରୀ ଗଙ୍ଗାମାତା ଫିସରମେନ୍ କୋ-ଅପରେଟିଭ ସୋସାଇଟି ପକ୍ଷରୁ ପ୍ରାୟ ୩ ଲକ୍ଷ ଟଙ୍କା ବ୍ୟୟରେ ଏହା ନିର୍ମାଣ କରାଯାଇଥିଲା। ପର୍ଯ୍ୟଟକ ଓ ମତ୍ସ୍ୟଜୀବୀମାନେ ଏହି ଶୌଚାଳୟ ଉପରେ ନିର୍ଭର କରୁଥିଲେ। କିନ୍ତୁ ଲଗାତାର ଉଚ୍ଚ ଜୁଆର ମାଡ଼ରେ ଏହା ମଧ୍ୟ ଭାଙ୍ଗିରୁଜି ଅତ୍ୟନ୍ତ ଜର୍ଜରିତ ଅବସ୍ଥାରେ ପହଞ୍ଚିଛି। ସ୍ଥାନୀୟ ଲୋକମାନେ ତୁରନ୍ତ ଜେଟୀର ସୁଦୃଢ଼ୀକରଣ, ସୁରକ୍ଷା ପ୍ରାଚୀର ନିର୍ମାଣ ଓ ସ୍ଥାୟୀ ପ୍ରତିରୋଧକ ବ୍ୟବସ୍ଥା ଗ୍ରହଣ ପାଇଁ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଯଦି ଶୀଘ୍ର ପଦକ୍ଷେପ ଗ୍ରହଣ ନ କରାଯାଏ, ତେବେ ଆଗାମୀ ଦିନରେ ବଡ଼ ଧରଣର ଦୁର୍ଘଟଣା ସହ ଜୀବନ ଓ ସମ୍ପତ୍ତିର କ୍ଷତି ଘଟିପାରେ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି।

## ଟିସ୍ମ ବୋଝେଇ ଗାଡ଼ିରେ ନିଆଁ

ସୋର, ୨୬।୫ (ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଉତ୍ତରେଶ୍ୱର ନିକଟରେ ଏକ ଚଳନ୍ତି ଟିସ୍ମ ବୋଝେଇ ହାଇୱାର ଟ୍ରୟାର ଫାଟି ଯିବାରୁ ନିଆଁ ଲାଗିଯାଇଥିବା ଜଣାପଡିଛି। ସୂଚନା ଅନୁସାରେ ଗତକାଲି ବିଳମ୍ବିତ ରାତିରେ ଓଡି ୧୧ ଏବି ୦୨୨୭ ନମ୍ବର ବିଶିଷ୍ଟ ହାଇୱାଟି ଚଣ୍ଡିଖୋଲରୁ ଟିସ୍ମ ବୋଝେଇ କରି ବାରିପଦା ଅଭିମୁଖେ ଯାଉଥିବା ବେଳେ ହାଇୱାର ପଛ ଟାୟାର ଫାଟି ଯିବା ଫଳରେ ଟାୟାରରେ ନିଆଁ ଲାଗିଯାଇଥିଲା। ସ୍ଥାନୀୟ ଲୋକେ ଏହା ଦେଖି ସୋର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗର ଏକ ଦମକଳ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବା ପରେ ଗାଡିଟି ଗନ୍ତବ୍ୟ ସ୍ଥଳକୁ ଯାଇଥିଲା।

## ଔପଦା ଡିଗ୍ରୀ କଲେଜରେ ସ୍ୱାସ୍ଥ୍ୟ ଓ ସଚେତନତା ଶିବିର




ଔପଦା, ୨୬।୫ (ସମିସ): ଔପଦା ଡିଗ୍ରୀ କଲେଜର ଶିକ୍ଷା ବିଭାଗ (ଚତୁର୍ଥ ସେମିଷ୍ଟର) ସୌଚ୍ଛୋସେବୀ ଛାତ୍ରଛାତ୍ରୀମାନଙ୍କୁ ନେଇ ଔପଦା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଏକ ସ୍ୱାସ୍ଥ୍ୟ, ପରିମଳ ଓ ପୋଷଣ ଭିତ୍ତିକ ଓରିଏଣ୍ଟେସନ (ଆଭିମୁଖ୍ୟ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ର ଛାତ୍ରୀ ମାନେ ମେଡିକାଲ ପରିସର ସଫା ସୁତରା କରିବା ସହିତ ବଜାର ର ଆଖ ପାଖ ଅଞ୍ଚଳ ଓ ଇନ୍ଦିରାଗାନ୍ଧୀ ପାର୍କ ପରିବେଶ କୁ ସଫା ସୁତରା କରିଥିଲେ କ୍ଷ 'ଏହି ଶିବିରରେ ଔପଦା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଫାର୍ମାସିଷ୍ଟ ଅମ୍ବିକା ବଲ୍ଲଭ ପାଢ଼ୀ, ଷ୍ଟାଫନର୍ସ ସୁଚିତ୍ରା ସ୍ୱାଇଁ ଏଲଟି ଜାନକୀ ଲତା ଓଝା ଯୋଗଦେଇ ସ୍?ଚ୍ଛୋସେବୀମାନଙ୍କୁ ସ୍ୱାସ୍ଥ୍ୟ ରକ୍ଷା, ବ୍ୟକ୍ତିଗତ ସ୍ୱଚ୍ଛତା, ପୁଷ୍ଟିକର ଖାଦ୍ୟର ଆବଶ୍ୟକତା, ଉପଯୁକ୍ତ ପୋଷାକ ପରିଚ୍ଛଦ ଏବଂ ପରିବେଶ ପରିମଳ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ମାର୍ଗଦର୍ଶନ ଦେବା ସହ ନିଜର ବକ୍ତବ୍ୟ ରଖିଥିଲେ। କଲେଜର ଶିକ୍ଷା ବିଭାଗର ମୁଖ୍ୟ ତଥା ବରିଷ୍ଠ ଅଧ୍ୟାପକ ଲକ୍ଷ୍ମୀନାରାୟଣ ଦାସ,ଅଧ୍ୟାପିକା ପ୍ରଭାସିନୀ ବେହେରା ଓ ରଞ୍ଜିତା ପଲେଇ ସମେତ ସମସ୍ତ ସୌଚ୍ଛୋସେବୀ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।

## ସମାଜସେବୀ ମନୋରଞ୍ଜନ ଦାସଙ୍କ ବିୟୋଗ



ବାଲେଶ୍ୱର,୨୬।୫(ସମିସ): ରେମୁଣା ଅଞ୍ଚଳର ଜଣେ ଜନପ୍ରିୟ ସମାଜସେବୀ ମନୋରଞ୍ଜନ ଦାସଙ୍କର ୮୨ବର୍ଷରେ ହୃଦଘାତରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗ ଖବର ପାଇ ରେମୁଣାର ବିଭିନ୍ନ ବର୍ଗର ନେତୃମଣ୍ଡଳୀ ସମାଜସେବୀ,ଶିକ୍ଷାବିତ, ବରିଷ୍ଠ ନାଗରିକ ମଂଚର କର୍ମକର୍ତ୍ତା ପ୍ରମୁଖଙ୍କ ସହ ଭାଗବତ ପ୍ରସାଦ ଦାସ, ପ୍ରଶାନ୍ତ ବରାଳ, ନିରଞ୍ଜନ ମହାରଣା, କହ୍ନୁଚରଣ ବେହେରା, ଆୟେସାନ ଖାଁ, ବିଦ୍ୟାଧର ଜେନା, ଅନନ୍ତ ଦାସ, ଗ୍ରାମବାସୀଙ୍କ ସହ ବନ୍ଧୁ ବାନ୍ଧବମାନେ ଉପସ୍ଥିତ ଥିଲେ। ତାଙ୍କ ମର ଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ଅନ୍ତିମ ସଂସ୍କାର କରିଥିଲେ। ପୁତ୍ର ମାନସ ରଞ୍ଜନ ଦାସ ମୁଖାଗ୍ନି ଦେଇଥିଲେ।

## ବିଡିଓଙ୍କ ପୁତୁରା କହି ବାଲି ଲୁଟ୍ ଅଭିଯୋଗ

ରାଜଘାଟ, ୨୬।୫ (ସମିସ): ବିଡିଓଙ୍କ ପୁତୁରା କହି ଲୋକଙ୍କୁ ଧମକ ଦେଇ କକାଙ୍କ ସରକାରୀ ପଦବୀର ଫାଇଦା ଉଠାଇ ବେଆଇନ ବାଲି କାରବାର ଚଳାଇଥିବା ଅଭିଯୋଗ ହୋଇଛି। ସୁବର୍ଣ୍ଣରେଖା ନଦୀରୁ ପ୍ରାୟ ୨ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ବାଲି ଲୁଟ ହୋଇଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ମଧୁପୁରା ଗ୍ରାମରୁ ଗତ ୫ ମାସ ଧରି ରାତି ଅଧରେ ଡଜନ ଡଜନ ହାଇୱା, ଟ୍ରାକ୍ଟର ଓ ଜେସିବି ଲଗାଇ ନଦୀ ଶଯ୍ୟାରୁ ବାଲି ଉଠାଯାଉଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଉକ୍ତ ବିଡ଼ିଓଙ୍କ ପୁତୁରା ଓ ତାଙ୍କ ସହଯୋଗୀମାନେ ଏହି କାରବାର ଚଳାଉଛନ୍ତି। କୌଣସି ପ୍ରକାର ସରକାରୀ ଅନୁମତି ବିନା ଦିନକୁ ପ୍ରାୟ ୧୫୦ରୁ ୨୦୦ ଟ୍ରିପ ବାଲି ଜିଲ୍ଲାର ବିଭିନ୍ନ ସ୍ଥାନ ସହ ପଡୋଶୀ ପଶ୍ଚିମବଙ୍ଗକୁ ଚୋରା ଚାଲାଣ ହେଉଛି। ସରକାରୀ ଦର ହିସାବରେ ଏ ପର୍ଯ୍ୟନ୍ତ ପ୍ରାୟ ୫୦ ହଜାର ଘନ ମିଟରରୁ ଅଧିକ ବାଲି ଉଠାଯାଇଛି, ଯାହାର ବଜାର ମୂଲ୍ୟ ୨ କୋଟି ଟଙ୍କାରୁ ଅଧିକ ହେବ। ଏଥିରୁ ରାଜସ୍ୱ ବାବଦକୁ ସରକାର ପ୍ରାୟ ୧କୋଟି ୬୦ଲକ୍ଷ ଟଙ୍କା ହରାଇଥିବା ଅନୁମାନ କରାଯାଉଛି। ତାଛଡା ନଦୀରୁ ବାଲି ଖୋଳି ନଦୀର ଗତିପଥ ବଦଳାଇ ଦେଇଛନ୍ତି ମାଫିଆମାନେ। ଏଥିଯୋଗୁଁ ବର୍ଷା ଦିନେ ଗାଁରେ ବନ୍ୟା ଓ ଭୂସ୍ଖଳନ ଆଶଙ୍କା ଦେଖାଦେଇଛି। ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଦିନ କାଟୁଛନ୍ତି। ନଦୀ ଶଯ୍ୟାରୁ ୧୫ରୁ ୨୦ ଫୁଟ ଗଭୀର ଯାଏଁ ବାଲି ଉଠାଯାଉଛି। ନଦୀର ମୁଖ୍ୟ ସ୍ରୋତକୁ ଅଟକାଇ ଏକ କୃତ୍ରିମ ନାଳ ଖୋଳି ପାଣିକୁ ଗାଁ ଆଡକୁ ମୋଡି ଦିଆଯାଇଛି। ଫଳରେ ନଦୀକୂଳ ଧସିବା ଆରମ୍ଭ ହୋଇଗଲାଣି। ପୂର୍ବରୁ ନଦୀ ଗାଁଠାରୁ ୫୦୦ ମିଟର ଦୂରରେ ଥିଲା। ଏବେ ବାଲି ମାଫିଆ ବାଲି ଖୋଳି ଖୋଳି ନଦୀକୁ ଗ୍ରାମ କ୍ଷେତ ଓ ଘର ପାଖକୁ ଆସିଗଲାଣି। ଗତ ସପ୍ତାହରେ ବର୍ଷାରେ ୧୦ ଏକର ପରିବା ଚାଷ ନଦୀ ଗର୍ଭରେ ଲୀନ ହୋଇଯାଇଛି। ଆଉ ଗୋଟେ ବଡ ବର୍ଷା ହେଲେ ପୁରା ଗାଁ ବୁଡିଯିବ। ଗ୍ରାମବାସୀ ଏ ନେଇ ବାରମ୍ବାର ସିଂଲା ଥାନା, ଜିଲ୍ଲା ଖଣିଅଧିକାରୀ ଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ ହେଁ ଆଜି ଯାଏଁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଓଲଟା ପ୍ରତିବାଦ କଲେ ମାଫିଆମାନେ ମାରିଦେବାର ଧମକ ଦେଉଛନ୍ତି ବୋଲି ଅଭିଯୋଗ ହୋଇଛି।

## ସିରିଜ ଦୁର୍ଘଟଣାରେ ଜଣେ ମୃତ, ୧୨ ମେଡିକାଲରେ ଭର୍ତ୍ତି

ନୀଳଗିରି, ୨୬।୫ (ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ଅଞ୍ଚଳରେ ବାଇକ ବାଇକ ମଧ୍ୟରେ ସିରିଜ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୧୨ଜଣ ଦୁର୍ଘଟଣା ଗ୍ରସ୍ତ ହୋଇ ବିଭିନ୍ନ ମେଡିକାଲରେ ଭର୍ତ୍ତି ହୋଇଥିବା ଜଣା ପଡ଼ିଛି। ନୀଳଗିରି ବ୍ଲକ ମହିଷାପଟ୍ଟା ପଞ୍ଚାୟତ ବଣିଆ ଗାଁ ଛକରେ ଆଜି ମଧ୍ୟାହ୍ନ ୧୨.୩୦ ରୁ ୧ ଘଟିକା ସମୟ ମଧ୍ୟରେ ୫ ରୁ ୬ ଖଣ୍ଡ ବାଇକରେ ୧୨ରୁ ଉର୍ଦ୍ଧ୍ୱ ଯୁବକ ରିଲ୍ସ କରୁଥିବା ବେଳେ ବାଇକ ବାଇକ ମଧ୍ୟରେ ମୁହାଁମୁହିଁ ହେବାରୁ ସମସ୍ତ ବାଇକ ଆରୋହୀ ଛିଟିକି ପଡ଼ିଥିଲେ। ଏଥିରେ ମଛୁଆ ପଞ୍ଚାୟତ କଲ୍ୟାଣୀ ଗ୍ରାମର ପବନା ସିଂଙ୍କ ପୁଅ ରତ୍ନାକର ସିଂ (୨୭)ଙ୍କ ଘଟଣା ସ୍ଥଳରେ ଗୁରୁତର ହୋଇଥିବା ବେଳେ ରତ୍ନାକର ସିଂଙ୍କୁ ବାଲେଶ୍ୱର ମେଡିକାଲକୁ ନିଆଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ୧୨ ଜଣଙ୍କ ମଧ୍ୟରୁ ୮ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଅନ୍ୟ ୪ ଜଣ ଙ୍କୁ ବାଲେଶ୍ୱର ମେଡିକାଲ ରେ ଭର୍ତ୍ତି କରାଯାଇଛି। ୧୨ ଜଣ ଯୁବକଙ୍କ ଘର ହାତୀଆଶିଳା, କାଳିଆପଦା ଓ କଲ୍ୟାଣୀ ଗ୍ରାମରେ ବୋଲି ଜଣା ପଡ଼ିଛି।

## ଧାନ କଟ୍‌ନୀ ଛଟନୀକୁ ନେଇ ୨୮ ରୁ ଜନ ଆନ୍ଦୋଳନ ଚେତାବନୀ

ଚନ୍ଦନେଶ୍ୱର, ୨୬।୫ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ଟୁକୁରୀହାଜିରା ସେବା ସମବାୟ ସମିତି ଅଧୀନରେ ଧାନ ବିକ୍ରି କରୁଥିବା ଚାଷୀମାନଙ୍କ ମଧ୍ୟରେ ଅତ୍ୟଧିକ କଟନି ଛଟନିକୁ ନେଇ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଧାନ ସଂଗ୍ରହର ପ୍ରଥମ ଦିନରୁ ମିଲରମାନେ କୁଇଣ୍ଟାଲ ପିଛା ୮ କେଜିରୁ ୧୧ କେଜି ପର୍ଯ୍ୟନ୍ତ ଧାନ କାଟି ହିସାବ କରୁଥିବା ଅଭିଯୋଗ କରି ଚାଷୀମାନେ ପ୍ରତିବାଦର ସ୍ୱର ଉଚ୍ଚ ଉଠାଇଛନ୍ତି। ଏହି ପ୍ରସଙ୍ଗକୁ ନେଇ ମଙ୍ଗଳବାର ଚାଷୀମାନଙ୍କ ପକ୍ଷରୁ ବାଲେଶ୍ୱର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସମସ୍ୟାର ସ୍ଥାୟୀ ସମାଧାନ ନ ହେଲେ ଆସନ୍ତା ୨୮ ତାରିଖ ଗୁରୁବାରରୁ ଟୁକୁରୀହାଜିରା ଓ ନାରାୟଣ ମହାନ୍ତି ପଡିଆ ଅଞ୍ଚଳର ଚାଷୀମାନେ ବ୍ୟାପକ ଜନଆନ୍ଦୋଳନରେ ଯୋଗଦେବେ ବୋଲି ଚେତାବନୀ ଦେଇଛନ୍ତି। ଚାଷୀମାନଙ୍କ କହିବା ଅନୁସାରେ, ସରକାର ନିର୍ଦ୍ଧାରିତ ନୀତି ଅନୁଯାୟୀ ଧାନ କ୍ରୟ କରାଯିବା ଥିବାବେଳେ ମିଲରମାନେ ଇଚ୍ଛାମତେ ଧାନ କାଟି ଚାଷୀଙ୍କୁ କ୍ଷତି ପହଞ୍ଚାଉଛନ୍ତି। ପ୍ରତି କୁଇଣ୍ଟାଲରେ ୮ରୁ ୧୧ କେଜି ପର୍ଯ୍ୟନ୍ତ ଧାନ କଟି ନେବା ଫଳରେ ଚାଷୀମାନେ ଆର୍ଥିକ ଭାବେ ଗୁରୁତର କ୍ଷତିଗ୍ରସ୍ତ ହେଉଥିବା ସେମାନେ ଅଭିଯୋଗ କରିଛନ୍ତି। ତେବେ ଏପରି କଟନି ପ୍ରଥାକୁ ଚାଷୀମାନେ ଅନ୍ୟାୟ ଓ ଅସହ୍ୟ ବୋଲି ବର୍ଣ୍ଣନା କରିଛନ୍ତି। ଚାଷୀମାନଙ୍କ ଦାବି ହେଉଛି, ଧାନର ଗୁଣବତ୍ତା ଯାଞ୍ଚ ନାମରେ ଅତ୍ୟଧିକ କଟନି ଛଟନି କରାଯାଉଥିବାରୁ ସେମାନଙ୍କ ପରିଶ୍ରମର ଯଥୋଚିତ ମୂଲ୍ୟ ମିଳୁନାହିଁ। ଏହାର ତୁରନ୍ତ ସମାଧାନ ପାଇଁ ସରକାର ଓ ପ୍ରଶାସନ ହସ୍ତକ୍ଷେପ କରିବାକୁ ଟୁକୁରୀହାଜିରା ପଞ୍ଚାୟତର ସରପଞ୍ଚ ଉପେନ୍ଦ୍ର ସାହୁଙ୍କ ସହ ପ୍ରାକ୍ତନ ସମିତି ସଦସ୍ୟ ବିକ୍ରମ କେଶରୀ ଚାନ୍ଦ, ଚାଷୀ ନେତା ଜୟକୃଷ୍ଣ ଦେ, ଅନୁପ କୁମାର ଚାନ୍ଦ, ଜୟଦେବ ସେନାପତି, ରବୀନ୍ଦ୍ର ସାମଲ, ଚନ୍ଦନ ଚାନ୍ଦ, ସୁଜିତ କୁମାର ଚାନ୍ଦ, ଉତ୍ତମ କୁମାର ଜେନା, ସଞ୍ଜୟ କୁମାର ଗିରି, ରମେଶ ଚନ୍ଦ୍ର ଗିରି, ଇଶ୍ୱର ସାହୁ, ହରେକୃଷ୍ଣ ଗିରି, ପ୍ରଦୀପ ଗିରି, ରଞ୍ଜିତା ସେନାପତି ଓ ଚନ୍ଦନ କୁମାର ଜେନା ପ୍ରମୁଖ ଦାବୀ କରିଛନ୍ତି। ଯଦି ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି କଟନି ଛଟନି ସମସ୍ୟାର ସମାଧାନ ନ କରନ୍ତି ଆସନ୍ତା ୨୮ ତାରିଖରୁ ବ୍ୟାପକ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି।

## ସୁଭଦ୍ରା କାଫେ ଉଦ୍‌ଘାଟିତ

ଔପଦା, ୨୬।୫ (ସମିସ): ଔପଦାରେ ଉଦ୍‌ଘାଟିତ ହେଲା "ସୁଭଦ୍ରା କାଫେ'। ବିଧାୟକ ଓ ଜିଲ୍ଲାପାଳଙ୍କ ମିଳିତ ଶୁଭାରମ୍ଭ, ଗୃହ ନିର୍ମାଣ ପାଇଁ ୧୦ ଲକ୍ଷର ସହାୟତା ଘୋଷଣା। ଦୀର୍ଘ ଦିନର ପ୍ରତୀକ୍ଷାର ଅନ୍ତ ଘଟିଛି। ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକରେ



ଏକ ନୂଆ ଅଧ୍ୟାୟର ଶୁଭାରମ୍ଭ ହୋଇଛି। ପୂର୍ବର "ମିଶନ ଶକ୍ତି କାଫେ' ଏବେ ନୂଆ ରୂପ ଓ ନୂଆ ନାମରେ ଜନସାଧାରଣଙ୍କ ସେବା ପାଇଁ ସମର୍ପିତ ହୋଇଛି। ଯାହାର ନୂତନ ନାମକରଣ କରାଯାଇଛି "ସୁଭଦ୍ରା କାଫେ'। ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଏବଂ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂରୀ ବିକାଶ ମିଳିତ ଭାବେ ଏହି ଭବ୍ୟ ସୁଭଦ୍ରା କାଫେର ଶୁଭ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଜିଲ୍ଲାପାଳ ନିଜେ କାଫେରେ ବ୍ରେକଫାଷ୍ଟ କରିବା ସହ ଏହାର ସ୍ୱାଦ ଓ ବ୍ୟବସ୍ଥାକୁ ନେଇ ବେଶ୍ ଖୁସି ବ୍ୟକ୍ତ କରିଥିଲେ। ସେହିପରି ବିଧାୟକ ସନ୍ତୋଷ ଖଟୁଆ ନିଜ ସହଯୋଗୀମାନଙ୍କ ସହ ଜଳଖିଆ ଗ୍ରହଣ କରି କାଫେର ମହିଳା ଆୟୋଜକମାନଙ୍କୁ ପ୍ରଶଂସା କରିଥିଲେ। କେବଳ ପ୍ରଶଂସା ନୁହେଁ, ବରଂ ଜଳଖିଆ ବାବଦକୁ ସେ ନିଜ ପକ୍ଷରୁ ୩,୧୦୦ ଟଙ୍କା ପ୍ରଦାନ କରିବା ସହ କାଫେର ସ୍ଥାୟୀ ଗୃହ ନିର୍ମାଣ ପାଇଁ ୧୦ ଲକ୍ଷ ଟଙ୍କାର ପାଣ୍ଠି ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ବିଧାୟକଙ୍କ ପକ୍ଷରୁ ଆଉ ଏକ ମହତ ଘୋଷଣା କରାଯାଇଛି ଯେ, ପ୍ରତି ସୋମବାର ଏହି କାଫେରେ ସାଧାରଣ ଲୋକଙ୍କ ପାଇଁ ମାଗଣା ଖାଇବାର ବ୍ୟବସ୍ଥା କରାଯିବ, ଯାହାର ସମସ୍ତ ଖର୍ଚ୍ଚ ବିଧାୟକ ନିଜେ ବହନ କରିବେ। ଏହା ସହିତ ଓଡ଼ିଶାର ପାରମ୍ପରିକ ପାନୀୟ "ଟଙ୍କ ତୋରାଣୀ' ଏଠାରେ ପ୍ରତିଦିନ ଗ୍ରାହକମାନଙ୍କ ପାଇଁ ଉପଲବ୍ଧ ହେବ। ଏହି ସାରସ୍ୱତ ଉଦ୍‌ଘାଟନୀ ଉତ୍ସବରେ ଔପଦା ବ୍ଲକ ଅଧ୍ୟକ୍ଷା ବିସିବିମ୍ବା ପାତ୍ର, ୧ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଦସ୍ୟା ମୁନି ସିଂ, ଉପ-ଜିଲ୍ଲାପାଳ ଶୁଭଶ୍ରୀ ରଥ, ବିଡିଓ ଶ୍ୱାସତୀ ସାହୁଆଳ, ତହସିଲଦାର ପ୍ରଜ୍ଞା ପରମିତାଙ୍କ ସମେତ କାଫେ ଦାୟିତ୍ୱ ବହନ କରିଥିବା ତଳକିଆ ଜିପିଏଲ ଏଫ ର ସମସ୍ତ ମହିଳା ଜିଲ୍ଲା ଓ ବ୍ଲକ ପ୍ରଶାସନର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରକଳ୍ପ ଚୟନକୁ ନେଇ ଜରୁରୀକାଳୀନ ଅଧିବେଶନ



ଜଳେଶ୍ୱର, ୨୬।୫ (ସମିସ): ଜଳେଶ୍ୱର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସରକାରଙ୍କ ବିକଶିତ ଗାଁ ବିକଶିତ ଓଡିଶା ପ୍ରକଳ୍ପ ଚୟନକୁ ନେଇ ଏକ ଜରୁରୀ କାଳୀନ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ପଂଚାୟତ ଗୁଡିକରେ ହେଉଥିବା ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ଗ୍ରାମ୍ୟ ସଭା ମାଧ୍ୟମରେ ସିଦ୍ଧାନ୍ତ ନେବା ପରେ ପଂଚାୟତ ସମିତି ଗୃହରେ ଜନପ୍ରତିନିଧି ମାନଙ୍କ ଦ୍ୱାରା ସ୍ଥିରୀକୃତ ହୋଇ ପ୍ରକଳ୍ପ ଗୁଡିକ କାର୍ଯ୍ୟାଦେଶ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରା ସରକାରଙ୍କ ନିକଟକୁ ପଠାଯିବାର ନିୟମ ଚାଲୁଥିଲା। ମାତ୍ର ଗତ ୨୦୨୫ ମସିହାରେ ଏହି ନିୟମର ପରିବର୍ତ୍ତନ କରାଯାଇ ଗ୍ରାମ୍ୟସଭା ଦ୍ୱାରା ସ୍ଥିରୀକୃତ ହେଉଥିବା ପ୍ରକଳ୍ପ ଗୁଡିକ ସିଧା ଜିଲ୍ଲାପାଳଙ୍କ ନିକଟକୁ ପ୍ରେରଣ କରାଯିବାର ନିୟମ ଲାଗୁ କରାଯାଇଛି। ଏହି ନିୟମ ବିରୁଦ୍ଧରେ ଜଳେଶ୍ୱର ପଂଚାୟତ ସମିତି ଅଧ୍ୟକ୍ଷ ମାନସ କୁମାର ଜେନା ଏକ ପିଟିସନ ଉଚ୍ଚ ନ୍ୟାୟଳୟ ନିକଟରେ କରିଥିଲେ ଯେ ପଂଚାୟତ ସମିତିର ପୂର୍ବରୁ ଥିବା ଅଧିକାରକୁ କାଏମ କରାଯାଉ। ନ୍ୟାୟଳୟରେ ଏହି ପିଟିସନ ବିଚାରଧିନ ରହିଥିବା ବେଳେ ମାନ୍ୟବର କୋର୍ଟ ଏକ ମଧ୍ୟବର୍ତ୍ତୀ କାଳୀନ ନିର୍ଦ୍ଦେଶ ଦେଇଛନ୍ତି ଯେ ଗ୍ରାମ୍ୟସଭା ପରେ ଜଳେଶ୍ୱର ପଂଚାୟତ ସମିତି ଦ୍ୱାରା ପଠାଯାଇଥିବା ପ୍ରକଳ୍ପ ଗୁଡିକ ଉପରେ ଜିଲ୍ଲାପାଳ ବିଚାର କରିବେ। ମାନ୍ୟବର ଉଚ୍ଚ ନ୍ୟାୟାଳୟ ଅଦେଶ-ଡବ୍ଲ୍ୟୁପିସି(ସି) ନଂ-୪୩୧୮/୨୦୨୬ ପତ୍ର ମୂଳେ ଆଜିର ଏହି ଜରୁରୀକାଳୀନ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ପଂଚାୟତ ସମିତି ଅଧ୍ୟକ୍ଷ ମାନସ କୁମାର ଜେନା ସଭାପତିତ୍ୱ କରିଥିବା ବେଳେ ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଅନୁସୟା ପ୍ରଧାନ, ପଂଚାୟତ ସମିତି ଉପାଧ୍ୟକ୍ଷା ସଂଜୀତା ସେନାପତି, ଜଳେଶ୍ୱର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରାଙ୍ଗ ଚରଣ ଘୋଷ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିବା ବେଳେ ବିଭିନ୍ନ ପଂଚାୟତର ସରପଞ୍ଚ ଓ ସମିତି ସଦସ୍ୟ ମାନେ ଉପସ୍ଥିତ ଥିଲେ।

## ଜଳେଶ୍ୱର-ରାଜଘାଟ ଓଟି ରୋଡ୍ ପ୍ରଶସ୍ତିକରଣ କେବେ

ଜଳେଶ୍ୱର ବ୍ଲକ, ୨୬।୫ (ସମିସ): ଜଳେଶ୍ୱରର ସବୁଠାରୁ ବ୍ୟସ୍ତ ବହୁଳ ରାସ୍ତା ଭାବେ ପରିଚିତ ଜଳେଶ୍ୱର-ରାଜଘାଟ ଓଟି ରୋଡ୍ ଏବେ ମରଣଯନ୍ତା ପାଲଟିଛି। ଜଳେଶ୍ୱର ସହରର ବାରମୁହାଁ ପୋଲଠାରୁ ଚାଳନ୍ତି ଓଭରବ୍ରିଜ ଯାଏ ରାସ୍ତାର ନବୀକରଣ ପାଇଁ ଷ୍ଟେଟ ପ୍ଲାନରୁ ୨୫ କୋଟି ଟଙ୍କା ମଞ୍ଜୁର ହୋଇ ଟେଣ୍ଡର କାମ ଶେଷ ହୋଇଥିଲେ ବି ଏହାର କାମ ଆରମ୍ଭ ହେଉନାହିଁ ଓ ଦିନକୁ ଦିନ ରାସ୍ତା ଅଧିକ ଖରାପ ହେଉଛି। ଜଳେଶ୍ୱର-ରାଜଘାଟ ୬.୭ କିମି ରାସ୍ତା ଉପରେ ଜଳେଶ୍ୱର ସହରବାସୀଙ୍କ ସହ ରାଜପୁର, ମହମ୍ମଦ ନଗର



ପାଟଣା, ଶିଖରପୁର, ଚମାରଗାଁ ପଞ୍ଚାୟତ ସମେତ ରାଇବଣିଆ ଥାନା ଇଲାକାର ହଜାର ହଜାର ଲୋକେ ନିର୍ଭର କରିଥାନ୍ତି। ଏହାବ୍ୟତୀତ ଜଳେଶ୍ୱର ସହରରୁ ବାଲେଶ୍ୱରକୁ ସିଧାସଳଖ ଯୋଗାଯୋଗ ପାଇଁ ମଧ୍ୟ ଏହି ରାସ୍ତାଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ୩ ବର୍ଷ ତଳେ ପୂର୍ତ୍ତ ବିଭାଗ ଦ୍ୱାରା ହୋଇଥିବା ସର୍ଭେ ଅନୁଯାୟୀ ଏହି ରାସ୍ତାରେ ଦୈନିକ ପାଖାପାଖି ୧୪ ହଜାରରୁ ଉର୍ଦ୍ଧ୍ୱ ଯାନବାହାନ ଚଳାଚଳ କରିଥାଏ। ଏଥିମଧ୍ୟରେ ଏହି ସଙ୍ଖ୍ୟା ଢେର ଅଧିକ ହୋଇଗଲାଣି ରାସ୍ତାଟି ଜଳେଶ୍ୱର ସହରବାସୀଙ୍କ ପାଇଁ ଲାଇଫ ଲାଇନ୍ ଅଟେ। ଏହା ବ୍ୟତୀତ ରାସ୍ତା ପାଶ୍ୱର୍ରେ ୧୫ରୁ ଅଧିକ ଗାଁ ରହିଛି। ଏସବୁ ଗାଁଗୁଡ଼ିକ ସାଧାରଣତଃ ସୁବର୍ଣ୍ଣରେଖା ତଟ ଦେଶରେ ଓ ଏକ କୃଷି ସମୃଦ୍ଧ ଅଞ୍ଚଳ ହୋଇଥିବାରୁ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ତଥା କୃଷିଜାତ ସାମଗ୍ରୀ ପରିବହନ ପାଇଁ ଏହି ରାସ୍ତାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେବେ ସବୁବେଳେ ବ୍ୟସ୍ତ ବହୁଳ ଏହି ଅଣ ଓସାରିଆ ଓ ଅଗମ୍ୟ ରାସ୍ତା ଏବେ ଅଧିକାଂଶ ସମୟରେ ଟ୍ରାଫିକ୍ ଜାମ ଭଳି ପରିସ୍ଥିତି ସୃଷ୍ଟି ହେବା ସହ ନିୟମିତ ଦୁର୍ଘଟଣା ଘଟୁଛି। ତେଣୁ ରାସ୍ତାର ପ୍ରଶସ୍ତୀକରଣ ଓ ନବୀକରଣ ପାଇଁ ଗତ ୨୦୨୪ ମସିହାରେ ପୂର୍ତ୍ତ ବିଭାଗ ପକ୍ଷରୁ ଏକ ଘରୋଇ ସଂସ୍ଥା ଦ୍ୱାରା ସର୍ଭେ କରାଯିବା ସହ ଡିପିଆର୍ ପ୍ରସ୍ତୁତ ହୋଇଥିଲା। ଏହାପରେ ଷ୍ଟେଟ ପ୍ଲାନ୍‌ରୁ ୨୫ କୋଟି ଟଙ୍କାର ଏକ ଯୋଜନାକୁ ଧ ମଞ୍ଜୁରୀ ମିଳିବା ସହ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିଲା। କିନ୍ତୁ ରାସ୍ତା ନିର୍ମାଣ କାମ ଆରମ୍ଭ ହେଉନାହିଁ। ଯୋଜନାର କାର୍ଯ୍ୟକାରିତା ପାଇଁ ବଡ଼ ସମସ୍ୟା ହେଉଛି ରାସ୍ତାର ବହୁ ଅଂଶ ଏବେ ଜବରଦଖଲକାରୀଙ୍କ କବ୍‌ଜାରେ। ଫଳରେ ଆଗାମୀ ବର୍ଷା ଦିନ ପୂର୍ବରୁ କାମ ଆରମ୍ଭ ହୋଇପାରିବ କି ନାହିଁ ଅନିଶ୍ଚିତତା ଦେଖାଦେଇଛି ବର୍ଷାଦିନେ ଯନ୍ତ୍ରଣା ଭୋଗିବେ ଲକ୍ଷାଧିକ ଲୋକ ସେନେଇ ସନ୍ଦେହ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବିଭାଗୀୟ ଜେଇ ନୟନ ରଞ୍ଜନ ପାଢ଼ୀ କହିଛନ୍ତି ପ୍ରକଳ୍ପଟି ଆଗ୍ରିମେଣ୍ଟ (ଚୁକ୍ତି) ପର୍ଯ୍ୟାୟରେ ରହିଛି। ଠିକାଦାରଙ୍କ ସହ ଚୁକ୍ତି ଶେଷ ହେବାପରେ ଖୁବଶୀଘ୍ର କାମ ଆରମ୍ଭ କରାଯିବ।

# ଅଧପନ୍ତରିଆ ହୋଇପଡ଼ିଛି ୧୭ଟି ସରକାରୀ ଆବାସ

ରାଜଘାଟ, ୨୬।୫ (ସମିସ)





ସରକାର ଗରିବଙ୍କୁ ପକ୍କା ଘର ଯୋଗାଇବା ପାଇଁ ଆରମ୍ଭ କରିଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବସ୍ତା ବ୍ଲକ ସନ୍ତୋଷପୁର ପଞ୍ଚାୟତ ୩ ନମ୍ବର ୱାର୍ଡ ବେଣାପୁରା ଗ୍ରାମରେ କାମରେ ଆସୁନାହିଁ। ୨୦୧୬-୧୭ ଆର୍ଥିକ ବର୍ଷରେ ମଞ୍ଜୁର ହୋଇଥିବା ୧୭ଟି ଘର ଆଜି ଯାଏଁ ଅଧା ପନ୍ତରିଆ ହୋଇ ପଡିରହିଛି। ରାସ୍ତା, ପାଣି, ବିଜୁଳି ଭଳି ମୌଳିକ ସୁବିଧା ନ ଥିବାରୁ ହିତାଧିକାରୀମାନେ ପଲିଥିନ ଓ ଚାଳଛପର ଘରେ ରହିବାକୁ ବାଧ ହେଉଛନ୍ତି। ସନ୍ତୋଷପୁର ପଞ୍ଚାୟତର ବେଣାପୁରା ଗ୍ରାମରେ ୯ ବର୍ଷ ତଳେ ପୂର୍ବତନ ସରପଞ୍ଚ ଅନାମିକା ଦାସ ମହାପାତ୍ର ଙ୍କ ପ୍ରଚେଷ୍ଟାରେ ୧୭ ଜଣ ହିତାଧିକାରୀଙ୍କୁ ପ୍ରଥେମେ ଭୂମିହୀନ ଯୋଜନାରେ ଯୋଡି ସେମାନଙ୍କୁ ତିନି ଡିସମିଲ ଲେଖାଏଁ ଜାଗା, ପରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କଲେ ଗୃହ ନିର୍ମାଣ ଆରମ୍ଭ ହେଲା ପ୍ରଥମ କିସ୍ତିରେ ୪୦ ହଜାର ଟଙ୍କା ମିଳିବା ପରେ ସମସ୍ତେ କାମ ଆରମ୍ଭ କରିଥିଲେ। କିନ୍ତୁ ଦ୍ୱିତୀୟ ଓ ତୃତୀୟ କିସ୍ତି ଟଙ୍କା କିଛି ହିତାଧିକାରୀଙ୍କୁ ନ ମିଳିବାରୁ ଘର କାନ୍ଥ ପର୍ଯ୍ୟନ୍ତ ହୋଇ ଅଟକି ଯାଇଛି। କେତେକ ଘରର ଛାତ ପଡିନି, ଆଉ କେତେକର କବାଟ-ଝରକା ଲାଗିନି କିଛି ଘର ଭିତରେ ଜଙ୍ଗଲ ହୋଇଗଲାଣି ତ କିଛି କାନ୍ଥରେ ଶିଉଳି ଲାଗି ଗଛ ଉଠିଗଲାଣି। କିଛି ହିତାଧିକାରୀ ନିଜ ଜମା ପଇସା ଓ ଧାର କରଜ କରି ଘର କାନ୍ଥ ପର୍ଯ୍ୟନ୍ତ କରିଛନ୍ତି, ବ୍ଲକ ଦୌଡି ଦୌଡି ଚପଲ ଛିଡିଗଲାଣି, ହେଲେ ଆଉ ଟଙ୍କା ମିଳିଲା ନାହିଁ। ବର୍ଷା ହେଲେ ଲୋକଙ୍କ ଦୂରବସ୍ଥା କଥା ନ କହିବା ଭଲ। ଲୋକେ ପରିବାର ସହ ଛିଣ୍ଡା ପଲଥୀନ ତଳେ ତ କିଏ ଚାଳ ଛପର ଘରେ ରହୁଛନ୍ତି। କେବଳ ଘର ଅଧା ହୋଇ ନାହିଁ, ଏହି କଲୋନୀକୁ ଯିବାକୁ ପକ୍କା ରାସ୍ତା ନାହିଁ। ବର୍ଷା ଦିନେ କାଦୁଅରେ ଆଣ୍ଠୁଏ ପାଣି ଜମେ। ପିଇବା ପାଣି ପାଇଁ ନଳକୂପ ନାହିଁ, କେବଳ ଆଠ ମାସ ପୂର୍ବରୁ ବସୁଧା ଯୋଜନାରେ ପାଣି ପାଇପ ବିଛାଇ ଠିକାଦାର କାମ ସାରିଦେଇଛି କିନ୍ତୁ ପାଣି ଆଜି ପର୍ଯ୍ୟନ୍ତ ଆସିପାରିନାହିଁ, ବିଜୁଳି ଖୁଣ୍ଟ ପୋତା ହୋଇନି, ଫଳରେ ବିଜୁଳି ମଧ୍ୟ ପହଞ୍ଚି ପାରିନି ଫଳରେ ସେଠାରେ ହିତାଧିକାରୀ ରହିବାକୁ ଅମଙ୍ଗ ହେଉଛନ୍ତି। କିଛି ହିତାଧିକାରୀ କହିଛନ୍ତି, ଆମ ଗାଁରେ ୧୭ଟି ଘର ମଞ୍ଜୁର ହେଲା ବୋଲି ଆମେ ଖୁସି ହୋଇଥିଲୁ, ହେଲେ ୯ବର୍ଷ ହେଲା ଘରତ ମିଳିଲା କିନ୍ତୁ ରାସ୍ତା, ପାଣି, ବିଜୁଳି ଭଳି ମୌଳିକ ସୁବିଧା ମିଳିଲାନି ଓଲଟା ଋଣରେ ବୁଡିଗଲୁ। ସରକାର କେବଳ ଘର ନୁହେଁ, ରାସ୍ତା, ପାଣି, ଲାଇଟ ବି ଦେବ ବୋଲି କହିଥିଲେ ହେଲେ କିଛିବି ଆଜିପର୍ଯ୍ୟନ୍ତ ମିଳିଲାନି। ଏ ସମ୍ପର୍କରେ ବସ୍ତା ବିଡ଼ିଓ ମିହିର ରଞ୍ଜନ ବେହେରା କହିଛନ୍ତି ଘଟଣା ବାବଦରେ ମୁଁ ଅବଗତ ନାହିଁ, ଯଦି ଏଭଳି ହୋଇଛି ବିଦ୍ୟୁତ ବିଭାଗ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଉଛି ଖୁବ ଶୀଘ୍ର କାର୍ଯ୍ୟ ସମାପ୍ତ ପାଇଁ ଏବଂ ଘଟଣା ସ୍ଥଳକୁ ନିଜେ ଆସି ସ୍ଥିତି ଅନୁଧ୍ୟାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସ୍ଥାନୀୟ ସରପଞ୍ଚ ସଂଗ୍ରାମ ଦାସ ମହାପାତ୍ର କହିଛନ୍ତି, ମୁଁ ଅନେକ ଥର ପଞ୍ଚାୟତ ସମିତି ବୈଠକରେ ଦାବି ଉପସ୍ଥାପନା କରିଛି, ବ୍ୟକ୍ତିଗତ ଭାବେ ବିଡ଼ିଓଙ୍କୁ ଜଣାଇଛି କିନ୍ତୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଗରିବ ଲୋକେ ହଇରାଣ ହେଉଛନ୍ତି। ଗ୍ରାମବାସୀ ଦାବି କରିଛନ୍ତି ତୁରନ୍ତ ବାକି ଟଙ୍କା ଦିଆଯାଉ ଓ ମୌଳିକ ସୁବିଧା ଯୋଗାଇ ଦିଆଯାଉ, ନଚେତ ଆଗାମୀ ଦିନରେ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି।

**ହିତାଧିକାରୀଙ୍କ ପାଖରେ ପହଞ୍ଚି ପାରିନି ମୌଳିକ ସୁବିଧା**

